**କୋଭିଡ୍ ହସ୍ପିଟାଲ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ**

ରାଉରକେଲା ଅଫିସ,-ରାଉରକେଲାରେ ଥିବା କୋଭିଡ୍ ହସ୍ପିଟାଲ ଓ କେୟାର ସେଣ୍ଟର ଗୁଡିକରେ ଶୁକ୍ରବାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ରାଉରକେଲା ହାଇଟେକ୍ କୋଭିଡ୍ ହସ୍ପିଟାଲ ସମେତ ବିପିୟୁଟି କେୟାର ସେଣ୍ଟର ଓ ଅନ୍ୟ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅନୁଧାନ କରାଯାଇଛି। ସୂଚନାଯୋଗ୍ୟ, ଉପରୋକ୍ତ ଦୁଇ କେନ୍ଦ୍ରରେ ସମୁଦାୟ ୨ ହଜାର ବେଡ୍ ରହିଛି। ଏଣୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଳନ କରିବା ଉପରେ କଡା ନିର୍ଦ୍ଦେଶ ଜାରି କରାଯାଇଛି।

## ସଂକ୍ଷେପରେ

### କୁଲୁଣ୍ଡିରେ ୧୪୪ ଧାରା ଜାରି

**ପଡିଆବାହାଲ,୭।୮ (ଡି.ଏନ.ଏ.):** କରୋନା ମୁକାବିଲା ପାଇଁ ଗୁରୁବାର ଦିନ ୧ଟାରୁ ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ କୁଲୁଣ୍ଡି ଗ୍ରାମର ନୂଆପଡା, ହରିଜନପଡା ଓ ଆଦିବାସୀ ପଡାକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । କୁଲୁଣ୍ଡି ଗ୍ରାମରେ ୧୪୪ ଧାରା ଜାରି କରାଯାଇଛି। ଏହି ନିୟମ ଅନୁଯାୟୀ ଗୋଟିଏ ସ୍ଥାନରେ ସର୍ବାଧିକ ୪ଜଣରୁ ଅଧିକ ଲୋକ ଏକତ୍ରିତ ହୋଇପାରିବେ ନାହିଁ । ସ୍ୱାସ୍ଥ୍ୟ, କୃଷି କିମ୍ବା ଜରୁରୀ କାମ ଥିଲେ ଲୋକେ ପଦାକୁ ବାହାରି ପାରିବେ । ଏ ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀମାନଙ୍କୁ ଅବଗତ କରାଯାଇଛି ।

### ପୁଣି ୪୮ ଘଣ୍ଟା ଶଟ୍‌ଡାଉନ୍ ଘୋଷଣା କଲେ ସରପଞ୍ଚ

**ଲହୁଣୀପଡା,୭।୮(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚାନ୍ଦିପୋଷଠାରେ ଅବସ୍ଥିତ ଆଇଆରବି କ୍ୟାମ୍ପରେ ଆଉ ୫ଜଣ କରୋନା ରୋଗୀ ଚିହ୍ନଟ ହୋଇଥିବାରୁ ଚାନ୍ଦିପୋଷ ସରପଞ୍ଚ ବିଳାସିନୀ ଓରାମ ଆଇଆରବି କ୍ୟାମ୍ପ ଚାରିପାଖ, ମୁସବିରା, ଚାନ୍ଦିପୋଷ ଇତ୍ୟାଦିକୁ ୪୮ ଘଣ୍ଟା ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହା ପୂର୍ବରୁ ଉକ୍ତ କ୍ୟାମ୍ପରୁ ୧୦ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଯୋଗୁ ୭୨ ଘଣ୍ଟା ଶଟ୍‌ଡାଉନ ଘୋଷଣା କରାଯାଇଥିଲା ।

### ଗଣେଶପୂଜା, ନୂଆଁଖାଇ ଭେଟ୍‌ଘାଟ ବନ୍ଦ

**ଝାରସୁଗୁଡ଼ା ଅଫିସ,୭।୮:** ଆସନ୍ତା ୨୨ ତାରିଖ ଗଣେଶ ପୂଜା ଓ ୨୩ରେ ପଶ୍ଚିମଓଡିଶାର ଗଣପର୍ବ ନୂଆଁଖାଇ । କରୋନା ସମୟରେ କିଭଳି ଉଭୟ ପର୍ବ ପାଳନ କରାଯିବ ଲୋକେ ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା କରିଥିଲେ। ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ ଗୁରୁବାର ନିର୍ଦ୍ଦେନାମା ଜାରି କରିଛନ୍ତି । ନିଷ୍ପତ୍ତି ମୁତାବକ ସର୍ବସାଧାରଣ ସ୍ଥାନରେ ଗଣେଶ ପୂଜା ହୋଇପାରିବନାହିଁ। ନୂଆଁଖାଇ ପାଳନ ବେଳେ ଭେଟଘାଟ କାର୍ଯ୍ୟକ୍ରମ ହେବନାହିଁ। ଲୋକେ ନିଜ ଘରେ ପାଳନ କରିବେ ବୋଲି ଜିଲାପାଳ କହିଛନ୍ତି ।

### ଗାଁ ମୁଣ୍ଡ ବରଗଛରେ ଗାମୁଛା ଲଗାଇ ଆତ୍ମହତ୍ୟା

**ସଇଁତଲା,୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ଥାନା ଟିକ୍ରାପଡ଼ା ଫାଣ୍ଡି ଅଧୀନ ଟିକ୍ରାପଡ଼ା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଟିକ୍ରାପଡ଼ା ଗ୍ରାମର ବଳଦେବ ରଣା (୫୨)। ଗାଁ ମୁଣ୍ଡ ବରଗଛରେ ବଳଦେବ ନିଜ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଶୁକ୍ରବାର ସକାଳୁ ତାଙ୍କ ସ୍ତ୍ରୀ ବନିତା ଟିକ୍ରାପଡ଼ା ଫାଣ୍ଡିରେ ଲିଖିତ ଭାବରେ ଜଣାଇଥିଲେ। ଏହାପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜରିମାନା ଗଣିଲେ ୫ ଟ୍ରାକ୍ଟର ମାଲିକ

**ଲାଠୋର,୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ରେଳ ଫାଟକ ନିକଟରେ ଶୁକ୍ରବାର ୫ଟି ବାଲି ବୋଝେଇ ଟ୍ରାକ୍ଟର ଧରାପଡ଼ିଛି। ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରି ଏହି ଟ୍ରାକ୍ଟର ମାଲିକମାନେ ଜରିମାନା ଗଣିଛନ୍ତି। ପ୍ରତି ଗାଡି ମାଲିକ ୧୦ ହଜାର ଟଙ୍କା ଲେଖାଏ ଜରିମାନା ପଇଠ କରିବା ପରେ ଟ୍ରାକ୍ଟର ନେଇଥିଲେ। ତେବେ ତହସିଲଦାର ନିରଞ୍ଜନ ନାଏକ କହିଛନ୍ତି ଯେ, ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରାଯାଇଥିଲା।

### ବାଟଗାଁ, ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ ଶଟ୍‌ଡାଉନ

**ନାକଟିଦେଉଳ, ୭।୮(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍‌ର ଗିରିଶ୍ଚନ୍ଦ୍ରପୁର ଓ ବାଟଗାଁ ପଞ୍ଚାୟତକୁ ସଂପୃକ୍ତ ସରପଞ୍ଚମାନେ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଜୟକାନ୍ତି ଅଡା ସମଗ୍ର ପଞ୍ଚାୟତ ଅଞ୍ଚଳକୁ ଗତ ୬ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସେହିପରି ବାଟଗାଁ ପଞ୍ଚାୟତର ସରପଞ୍ଚ ବେଦମତୀ କିଷାନ ସମଗ୍ର ପଞ୍ଚାୟତ ଅଞ୍ଚଳକୁ ଗତ ୫ତାରିଖରୁ ଆସନ୍ତା ମଙ୍ଗଳବାର ରାତି ୮ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି।

# ପେପର ମିଲ୍ ଜମିରେ ଏମ୍‌ଏସ୍‌ଏମ୍‌ଇ ପାର୍କ

- ୩୭ ବର୍ଷର ସ୍ୱପ୍ନ ଅଧା ରହିଲା
- ଜମି ହରାଇ ୩୦ ପରିବାର ସର୍ବସ୍ୱାନ୍ତ
- ଚାଷୀଙ୍କ ବିରୋଧ,ବାଡା ନିର୍ମାଣ କାମ ବନ୍ଦ କଲେ

**କେସିଙ୍ଗା,୭।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କୁର୍ଲୁପଡାଠାରେ ଏକ ପେପର ମିଲ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା । ଜମି ହରାଇଥିବା ପରିବାର ସଦସ୍ୟଙ୍କୁ ସେହି ମିଲ୍‌ରେ ନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଇତିମଧ୍ୟରେ ୩୭ ବର୍ଷ ବିତିଛି । ପେପର ମିଲ ନିର୍ମାଣ ହେଲା ନାହିଁ। ଏବେ ସେହି ଜମିରେ ମାଇକ୍ରୋ,ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଏମ୍‌ଏସଏସ୍‌ଇ) ପାର୍କ ନିର୍ମାଣ ଆରମ୍ଭ ହୋଇଛି । ସେହି ଜମିର ଚାରି ପାଖରେ ବାଡା ତିଆରି କାମ ଚାଲିଛି । ଏହାକୁ ସ୍ଥାନୀୟ ଅଞ୍ଚଳରେ ଘୋର ବିରୋଧ କରାଯାଇଛି । ଗୁରୁବାର ସନ୍ଧ୍ୟାରେ ଚାଷୀମାନେ ବାଡା ନିର୍ମାଣ କାମକୁ ବନ୍ଦ କରିଛନ୍ତି । ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, କୁର୍ଲୁପଡାରେ ପେପର ମିଲ ନିର୍ମାଣ ପାଇଁ ୧୯୮୩ ମସିହାରେ ଜମି ଅଧିଗ୍ରହଣ କରାଯାଇଥିଲା । ୧୯୮୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଭୂପିନ୍ଦର ସିଂହଙ୍କ ଉପସ୍ଥିତିରେ ପେପର ମିଲ୍ ପାଇଁ ଶିଳାନ୍ୟାସ ହୋଇଥିଲା । ହେଲେ ନିର୍ମାଣ କାମ ଆରମ୍ଭ ହୋଇପାରି ନ ଥିଲା । ହେଲେ ଜମି ଅଧିଗ୍ରହଣ ସମୟରେ ୧୫୦ ଚାଷୀ ପରିବାର ଶାଗମାଛ ଦରରେ ଜମି ଦେଇଥିଲେ । ଜମି ହରାଇଥିବା ପ୍ରତି ପରିବାର ସଦସ୍ୟଙ୍କୁ ଚାକିରୀ ମିଳିବ ବୋଲି ଜୟପୁର ସେବା ପେପର ମିଲ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ । ସେଥିପାଇଁ ଭଟା ଜମିକୁ ଏକର ପିଛା ୪୦୦ ଟଙ୍କା ଓ ବାହାଲ ଜମିକୁ ୬୦୦ ଟଙ୍କା ଦରରେ ଚାଷୀମାନେ ବିକ୍ରି କରି ଦେଇଥିଲେ । ମିଲ୍ ଆଜି ହେବ କାଲି ହେବ କହି ୧୪ ବର୍ଷ ବିତି ଯାଇଥିଲା । ଶେଷରେ ପେପର ମିଲ କର୍ତ୍ତୃପକ୍ଷ ୧୯୯୪-୯୫ ମସିହାରେ ଅତି ଗୋପନୀୟ ଭାବେ ଅଧିଗ୍ରହଣ କରିଥିବା ଜମିକୁ ଇଡ୍‌କୋକୁ ବିକ୍ରି କରିଦେଇଥିଲା । ସେଦିନଠାରୁ ଇଡ୍‌କୋ କୁର୍ଲୁପଡା ଶିଳ୍ପାଞ୍ଚଳ ନାମରେ ଏକ ସାଇନ ବୋର୍ଡ ମାରିଥିଲା । ଏହାପରେ ଏହି ମାମଲା କୋର୍ଟକୁ ଯାଇଥିଲା । ଚାଷୀମାନେ ନିଜ ୧୮୦ଏକର ଜମି ଫେରି ପାଇବା ପାଇଁ ଭବାନୀପାଟଣା ସିଭିଲ କୋର୍ଟରେ ଆଶ୍ରୟ ନେଇଥିଲେ । ଶେଷରେ ଇଡ୍‌କୋ ଚାଷୀମାନଙ୍କୁ ଭଟା ଜମିକୁ ଏକର ପିଛା ୧୦ ହଜାର ଓ ବାହାଲ ଜମିକୁ ୧୫ ହଜାର ଟଙ୍କା ପ୍ରଦାନ କରିଥିଲା । କେସିଙ୍ଗା ସହରର



ପାର୍କ ନିର୍ମାଣ ପାଇଁ ବାଡା କାମ ଚାଲିଛି ।

ସ୍ଥାୟୀ ବସଷ୍ଟାଣ୍ଡ ନ ଥିବାରୁ ଶିଳ୍ପାଞ୍ଚଳର ୧୮୦ ଏକର ଜମିରୁ ୧୨ ଏକର ଜମି କେସିଙ୍ଗା ଏନଏସିକୁ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ୨୦୦୭-୦୮ ମସିହାରେ ଲିଜ୍ ସୂତ୍ରରେ ଇଡକୋ ପ୍ରଦାନ କରିଛି। ହେଲେ ପେପର ମିଲ ପାଇଁ ଜମି ଦେଇଥିବା ୧୫୦ ଜଣ ଚାଷୀ ଏବେ ଦାଣ୍ଡର ଭିକାରୀ ସାଜିଛନ୍ତି ।

ଏବେ ଇଡକୋ ପକ୍ଷରୁ ସେହି ଜମିରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ପାଇଁ ସେହି ଜମିର ଚାରିପାଖରେ ବାଡା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ୨ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ସେହି ଜମିରେ ସ୍ମଲ ଇଣ୍ଡଷ୍ଟ୍ରି, ଫୁଡପାର୍କ ନିର୍ମାଣ ହେବ। ଫଳରେ ଇଡ୍‌କୋ ବହୁ କୋଟି ଟଙ୍କା ଲାଭ ପାଇବ । ହେଲେ ଜମି ହରାଇଥିବା ଚାଷୀଙ୍କ ପରିବାର କେମିତି ନିଯୁକ୍ତି ପାଇବେ ସେ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏ ସଂକ୍ରାନ୍ତରେ ଘୋଷଣା କରାଯାଉ ବୋଲି ଜମି ହରାଇଥିବା ପରିବାର ସଦସ୍ୟମାନେ ଦାବି କରିଛନ୍ତି । ଏ ନେଇ ଇଡକୋର କନିଷ୍ଠଯନ୍ତ୍ରୀ ଆଲୋକ ରଞ୍ଜନ ବାଇଙ୍କୁ ପଚାରିବାରୁ ସେ କହିଛନ୍ତି, ସେହି ଜମିରେ ଏମଏସଏମଇ ପାର୍କ ସହିତ ସ୍ମଲ ଇଣ୍ଡଷ୍ଟ୍ରି ହେବ। ଜମିହରାଇଥିବା ଚାଷୀମାନେ ଏଥିରେ ନିଯୁକ୍ତି ପାଇବେ ବୋଲି ତାଙ୍କ ପ୍ରଶ୍ନ କରିବାରୁ ସେ ଏହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ ।

ଏ ସଂକ୍ରାନ୍ତରେ ଶିଳ୍ପ, ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତାଙ୍କ ମୋବାଇଲ ନଂ.୯୯୩୭୨୨୭୭୧ରେ ଯୋଗଯୋଗ କରିବାକୁ ଚେଷ୍ଟା କରାଯାଇଥିଲା । ହେଲେ ସେ ଫୋନ୍ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ ।

## ଆଜିଠୁ ରାଉରକେଲା ସହରରେ ସପ୍ତାହାନ୍ତ ଶଟ୍‌ଡାଉନ

**ରାଉରକେଲା ଅଫିସ,୭।୮**

ଦିନକୁ ଦିନ ଇସ୍ପାତ ସହର ରାଉରକେଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଛି। ଏହାକୁ ପ୍ରତିରୋଧ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କଡାକଡି ପଦକ୍ଷେପ ନିଆଯାଉଛି। ଏହା ସତ୍ତ୍ୱେ ପରିସ୍ଥିତି ଅପରିବର୍ତ୍ତିତ ରହିଛି। ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ପୂର୍ବପରି ସାପ୍ତାହିକ ଶଟ୍‌ଡାଉନ ଶନିବାର ଓ ରବିବାର ବଳବତ୍ତର ରହିବ ବୋଲି କର୍ତ୍ତୃପକ୍ଷ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଶଟ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ସହ ସ୍ୱାସ୍ଥ୍ୟସେବାକୁ କୋହଳ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟନ୍ତ୍ରାଣାଧୀନ ସମସ୍ତ କାର୍ଯ୍ୟାଳୟ ଜରୁରିକାଳୀନ ସେବାରେ ନିୟୋଜିତ ରହିବ। ରାସନ ଓ ପନିପରିବା ସାମଗ୍ରୀ ହୋମ୍ ଡେଲିଭରି କରାଯାଇ ପାରିବ। ମାଲବାହୀ ଗାଡି ଯାତାୟତ ମଧ୍ୟ କରିପାରିବ। ପୂର୍ବ ଅନୁମତି କ୍ରମେ ବିବାହ ବ୍ରତ ଆଦି କାର୍ଯ୍ୟ ମଧ କରାଯାଇ ପାରିବ। ଭୋର ୫ଟାରୁ ୮ଟା ଯାଏ ଖବର କାଗଜ ବିତରଣ ସହ ଅନୁମତିପ୍ରାପ୍ତ ଖବରଦାତା ସହରରେ ବୁଲି ନିଜ କାର୍ଯ୍ୟ ସମ୍ପାଦନ କରି ପାରବେ। ବିନା କାରଣରେ କେହି ବାହାରେ ବୁଲାବୁଲି କିମ୍ବା ଭିଡ କରି ପାରିବେନି ବୋଲି ସ୍ପଷ୍ଟ କରାଯାଇଛି।

## ପରକୀୟା ପ୍ରୀତି ଜୀବନ ନେଲା

**ଦେବଗଡ଼,୭।୮(ଡି.ଏନ.ଏ.)**

ପରକୀୟା ପ୍ରୀତିକୁ କେନ୍ଦ୍ର କରି ଗୁରୁବାର ରାତିରେ ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ମାଝିଚାକୁଣ୍ଡାପାଳ ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ଭାଟସିଂ ଗ୍ରାମର ସୁମନ୍ତ ନାୟକ (୨୨)। ଏହି ଘଟଣାରେ ଜଣେ ମହିଳା ଗୁରୁତର ହୋଇଛନ୍ତି । ତାଙ୍କୁ ଉଦ୍ଧାର କରି ପୋଲିସ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ପୋଲିସର ସୂଚନା ଅନୁସାରେ, ଆହତ ମହିଳାଙ୍କ ସ୍ୱାମୀ ଅନ୍ୟ ଜିଲାରେ ଚାକିରୀ କରନ୍ତି। ମହିଳା ଜଣକ ପରିବାର ସଦସ୍ୟଙ୍କ ସହ ଗାଁରେ ରହନ୍ତି। ଗୁରୁବାର ବିଳମ୍ବିତ ରାତିରେ ସୁମନ୍ତ ମହିଳାଙ୍କ କୋଠରୀରେ ପଶିଥିବା ତାଙ୍କ ଶାଶୁ ଦେଖିଥିଲେ। ଏ ସମ୍ପର୍କରେ ସେ ପରିବାର ଲୋକଙ୍କୁ ଜଣାଇ ପରେ ସମସ୍ତେ ସୁମନ୍ତ ଓ ମହିଳାଙ୍କୁ ଘେରି ଯାଇଥିଲେ । ପରିବାର ଲୋକେ ଉଭୟଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିଥିଲେ । ହେଲେ ଉଭୟ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ପରିବାର ସଦସ୍ୟମାନେ ଉଭୟଙ୍କୁ ଗାଳିଗୁଲଜ କରି ଚାଲି ଆସିଥିଲେ । ହେଲେ ଶୁକ୍ରବାର ସକାଳେ ସେହି କୋଠରୀର ଖଟ ଉପରେ ସୁମନ୍ତଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ମହିଳା ଜଣକ ବି ନିଜ ବାମ ହାତ ଶିରା କାଟି ଦେଇ ଅଚେତ ଅବସ୍ଥାରେ ପଡିଥିଲେ । ତାଙ୍କ ହାତରୁ ରକ୍ତ ଝରୁଥିଲା । ସୂଚନା ପାଇ ବାରକୋଟ ଥାନାଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଅଚେତ ମହିଳଙ୍କୁ ଡାକ୍ତରଖାନା ପଠାଇବା ସହ ସୁମନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି । ପ୍ରାଥମିକ ସୂଚନା ଅନୁଯାୟୀ, ସୁମନ୍ତଙ୍କ ମୁହଁକୁ ତକିଆରେ ଚାପି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି।

## ଶିଶୁକନ୍ୟାଙ୍କୁ ହତ୍ୟା, ଥାନାରେ ମାମଲା

**ବରଗଡ଼ ଅଫିସ୍,୭।୮**

ବରଗଡ଼ ସଦର ଥାନା ଅନ୍ତର୍ଗତ ତୁମଗାଁ ଗ୍ରାମରେ ଶୁକ୍ରବାର ଏକ ଶିଶୁକନ୍ୟାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ଉକ୍ତ ଗ୍ରାମର ଉମାକାନ୍ତ ପ୍ରଧାନଙ୍କ ଝିଅ ଏବଂ ତାଙ୍କ ବୟସ ୧ବର୍ଷ ୯ମାସ ହେବ । ଏ ନେଇ ମୃତା ଶିଶୁକନ୍ୟାଙ୍କ ମା' ମିଲି ବରଗଡ଼ ସଦର ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ଦଫା ୩୦୨ରେ ଏକ ମାମଲା (ନଂ.୨୨୬/୨୦) ରୁଜୁ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖିଛି । ତେବେ ଶିଶୁକନ୍ୟାଙ୍କୁ କିଏ ହତ୍ୟା କରିଛନ୍ତି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ । ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ସଦର ଥାନାଧିକାରୀ ଦିଲୀପ କୁମାର ବେହେରା କହିଛନ୍ତି । ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି ।

**ଫଟୋରେ ଖବର...**



ଶୁକ୍ରବାର ସମ୍ବଲପୁର କୋଭିଡ କେୟାର ସେଣ୍ଟରକୁ ସାନିଟାଇଜ୍ କରାଯାଉଛି ।

## ଦୁର୍ଘଟଣାରେ ନବ ବିବାହିତ ଯୁବକଙ୍କ ମୃତ୍ୟୁ

**ବିନିକା,୭।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଘୋଡାଧାର-ସଂସାମୁରା ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ନବବିବାହିତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋନପୁର ବ୍ଲକ ସାଗରପାଳିର ମୁରଲୀ ମେହେରଙ୍କ ପୁଅ ଦୀପକ (୨୭)। ପ୍ରକାଶ ଯେ, ଗତ କିଛି ଦିନ ପୂର୍ବରୁ ଲକ୍ ଡାଉନ ସମୟରେ ଦୀପକଙ୍କର ବରଗଡ ଜିଲା ଭେଡେନ ଅଞ୍ଚଳର ଜଣେ ଯୁବତୀଙ୍କ ସହ ବିବାହ ହୋଇଥିଲା । ଶୁକ୍ରବାର ସେ ଶଶୁର ଘରୁ ଯୌତୁକ ଆକାରରେ ମିଳିଥିବା ବାଇକ୍‌ରେ ବିନିକା-ମହାଦେବପାଲି ମୁଖ୍ୟରାସ୍ତା ଦେଇ ନିଜ ଘରକୁ ଫେରୁଥିଲେ। ତେବେ ଫେରିବା ବାଟରେ ଦିନ ପ୍ରାୟ ଗୋଟାଏ ବେଳେ କୌଣସି କାରଣରୁ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବିନିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ ।

## ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଜବତ, ୨ ଗିରଫ

**ସୁନ୍ଦରଗଡ, ୭।୮ (ଡି.ଏନ୍.ଏ.)**

ସୁନ୍ଦରଗଡ ସହର ମେନ୍ ରୋଡସ୍ଥିତ ଏକ ଇଲେକ୍ଟ୍ରୋନିକ୍ସ ଦୋକାନରୁ ଜାଲ୍ ଚେକ୍ ଦେଇ ଠକି ନେଇଥିବା ପ୍ରାୟ ୨ଲକ୍ଷ ଟଙ୍କା ମୂଲ୍ୟର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଟାଉନ୍ ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତ ୨ଜଣ ହେଲେ ଧରୁଆଡିହି ଥାନା ଅଞ୍ଚଳର ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଓ ଶ୍ରୀକାନ୍ତ ତନ୍ତୀ । ଶୁକ୍ରବାର ଅପରାହ୍ନରେ ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ମଧୁସିକ୍ତା ମିଶ୍ର ଏହି ସୂଚନା ଦେଇଛନ୍ତି।

ଜୁଲାଇ ୧୧ ତାରିଖରେ ସ୍ଥାନୀୟ ମେନ୍ ରୋଡସ୍ଥିତ ଏକ ଦୋକାନକୁ ଏମାନେ ଦର୍ଲିପାଲି ଏନ୍‌ଟିପିସି ପରିସରରେ ଏକ ଘରୋଇ କମ୍ପାନୀର ଅଫିସ୍ ସାମଗ୍ରୀ ପାଇଁ ଏକ କୋଟେସନ୍ ଦେଇଥିଲେ। କୋଟେସନ୍ ମୁତାବକ ଦୋକାନର ମାଲିକ ଧୀରଜ ଅଗ୍ରୱାଲ ପ୍ରାୟ ୨ଲକ୍ଷ ଟଙ୍କାର ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଓ ଅଫିସ୍ ଆସବାବପତ୍ର ପଠାଇଥିଲେ। ଦୋକାନର କର୍ମଚାରୀ ଏହିସବୁ ସାମଗ୍ରୀ ଧରି ସେଠାରେ ଯାଇ ପହଞ୍ଚି ଥିଲେ। ହେଲେ କରୋନା କଟକଣା ଯୋଗୁ ଏନ୍‌ଟିପିସି ଭିତରକୁ ପଶିବାକୁ କଟକଣା ରହିଛି। ଗାଡି ଯାଇ ମୁଖ୍ୟ ଫାଟକ ନିକଟରୁ ସାମଗ୍ରୀ ଆଣିବ ବୋଲି ଦୁଇ ଅଭିଯୁକ୍ତ ଫୋନ୍‌ରେ ସେଠାକୁ ଯାଇଥିବା ଦୋକାନ କର୍ମଚାରୀଙ୍କୁ କହିଥିଲେ। ଏହାପରେ ଅଭିଯୁକ୍ତ ଦ୍ୱୟ ଗାଡିରେ ଏନ୍‌ଟିପିସି ଫାଟକ ଆଗରେ ପହଞ୍ଚି ସାମଗ୍ରୀ ଆଣିଥିଲେ। ଏହି ସମୟରେ ୫୫ ହଜାର ଓ ୪୫,୯୦୦ର ଦୁଇଟି ଚେକ୍ ଦୋକାନ କର୍ମଚାରୀଙ୍କୁ ଦେଇଥିଲେ। ଅବଶିଷ୍ଟ ଟଙ୍କା ଆରଟିଜିଏସ୍ କରିବାକୁ କହିଥିଲେ। ଦୋକାନ ମାଲିକ ଏହି ୨ଟି ଚେକ୍‌କୁ ଜୁଲାଇ ୧୪ ତାରିଖରେ ବ୍ୟାଙ୍କରେ ଡିପୋଜିଟ କରିଥିଲେ। ହେଲେ ସେ ଡିପୋଜିଟ କରିଥିବା ଚେକ୍‌ରେ ଦସ୍ତଖତ ମେଳ ଖାଉ ନ ଥିବା ନେଇ ଜୁଲାଇ ୧୬ ତାରିଖରେ ବ୍ୟାଙ୍କରୁ ଚିଠି ଆସିଥିଲା। ଦୋକାନ ମାଲିକ ସଂପୃକ୍ତ ବ୍ୟକ୍ତିଙ୍କ ସହ ଫୋନ୍‌ରେ ଯୋଗାଯୋଗ କରି ନିରାଶ ହୋଇ ଶୁକ୍ରବାର ସକାଳେ ଏ ସମ୍ପର୍କରେ ଟାଉନ୍ ଥାନାରେ ରିପୋର୍ଟ କରିଥିଲେ।

## ସାର ଦୋକାନରେ କୃଷି ବିଭାଗର ଚଢ଼ାଉ

**ବରଗଡ଼ ଅଫିସ୍,୭।୮**

ବରଗଡ଼ ଜିଲାରେ ଯୁରିଆ ସାର କଳାବଜାର ହେଉଛି। ଏଭଳି ଅଭିଯୋଗ ପାଇବା ପରେ କୃଷି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି । ଗୁରୁବାର ବରାହଗୋଡ଼ାସ୍ଥିତ ମନୀଷ କୁମାର ଅଗ୍ରୱାଲଙ୍କ ମାଁ ସନ୍ତୋଷୀ ପେଷ୍ଟିସାଇଡ୍‌ସ ନାମକ ଏକ ସାର ଦୋକାନରେ ଚଢ଼ାଉ ପରେ ଅନିୟମିତତା ପଦାକୁ ଆସିଛି । ଦୋକାନରେ ଷ୍ଟକ୍ ଖାତା, ବିକ୍ରି ଖାତା ଲେଖା ନ ଯିବା, ଚାଷୀଙ୍କୁ ରସିଦ୍ ଦିଆ ନ ଯିବା ଏବଂ ଅଧିକୃତ ବିକ୍ରେତା ହୋଇ ନ ଥିବା ସତ୍ତ୍ୱେ ସମ୍ପୃକ୍ତ ଦୋକାନୀ କୀଟନାଶକ ଔଷଧ ବିକ୍ରି କରୁଥିବା ଜଣାପଡ଼ିଥିଲା । ଏଥିପାଇଁ ସମ୍ପୃକ୍ତ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହିତ ସାର ବିକ୍ରି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ସୂଚନା ଦେଇଛନ୍ତି। ସେହିପରି ଶୁକ୍ରବାର ଅମ୍ବାଭୋନା ବ୍ଲକ କଣ୍ଡପଲାର ଭୋଳାରାମ ପଟେଲ ଫର୍ଟିଲାଇଜର ଷ୍ଟୋରରେ ଚଢ଼ାଉ ହୋଇଥିଲା।



ବରାହଗୋଡ଼ାର ଏକ ସାର ଦୋକାନରେ କୃଷି ଅଧିକାରୀମାନେ ଚଢ଼ାଉ କରୁଛନ୍ତି ।

## ଓପିଜିସି କଲୋନୀରେ ୨ କରୋନା ପଜିଟିଭ

**ପ୍ରକଳ୍ପ ହସ୍ପିଟାଲ୍ ଶଟ୍‌ଡାଉନ**

**ଲଖନପୁର,୭।୮(ଡି.ଏନ୍.ଏ)**

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲି ସ୍ଥିତ ଇବ୍ ଥର୍ମାଲ କଲୋନୀରେ ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ଜଣେ ୫୭ ବର୍ଷୀୟ ଅଧିକାରୀ ଓ ତାଙ୍କ ୨୩ ବର୍ଷୀୟ ସମ୍ପର୍କୀୟ ରହିଛନ୍ତି। ଉଭୟ ରାଉରକେଲାରୁ ଆସି ଗୃହ ସଙ୍ଗରୋଧରେ ରହିଥିଲେ । ପଜିଟିଭ ଜଣାପଡିବା ପରେ ଉଭୟଙ୍କୁ ଗୃହ ସଙ୍ଗରୋଧରେ ରଖାଯାଇ ଚିକିତ୍ସା ଜାରି ରହିଛି । ଏମାନଙ୍କୁ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲ୍‌କୁ ନ ନେଇ କଲୋନୀ ପରିସର ଗୃହ ସଙ୍ଗରୋଧ କେନ୍ଦ୍ରରେ ରଖାଯିବାକୁ ନେଇ ଅଧିକାରୀ ଓ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ତରଫରୁ କଲୋନୀ ପରିସରରେ ରହୁଥିବା ଅଧିକାରୀଙ୍କ କ୍ୱାର୍ଟର୍ସକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କଣ୍ଟାକ୍ଟ ଟ୍ରେସିଂ ଓ ଟ୍ରାଭେଲ ହିଷ୍ଟ୍ରି ଯାଞ୍ଚ କରାଯାଉଛି । ପଜିଟିଭ ଚିହ୍ନଟ ହୋଇଥିବା ଅଧିକାରୀ ଜଣକ ଜୁଲାଇ ମାସରେ ଭୁବନେଶ୍ୱର ଯାଇ ଫେରିଥିଲେ। ପରେ ସେ ଅସୁସ୍ଥ ହୋଇଥିଲେ । ସେ ଚିକିତ୍ସା ପାଇଁ ବାରମ୍ବାର ପ୍ରକଳ୍ପ ହସ୍ପିଟାଲ୍‌କୁ ଯାଇଥିଲେ । ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ତାଙ୍କୁ ଚିକିତ୍ସା କରିଥିଲେ ।

କଣ୍ଟାକ୍ଟ ଟ୍ରେସିଂରେ ଏହା ଜଣାପଡିବା ପରେ କମ୍ପାନୀ କର୍ତ୍ତୃପକ୍ଷ ପ୍ରକଳ୍ପ ହସ୍ପିଟାଲ୍‌କୁ ସାନିଟାଇଜ୍ କରି ବୁଧବାରଠାରୁ ରବିବାର ପର୍ଯ୍ୟନ୍ତ ଶଟ୍‌ଡାଇନ୍ ଘୋଷଣା କରିଛନ୍ତି । ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମ୍ପୃକ୍ତ ହସ୍ପିଟାଲ୍‌ର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ଏ ନେଇ ଲଖନପୁର ଉପଜିଲାପାଳ ଶିବ ଟପ୍ପୋ କହିଛନ୍ତି, ଜଣେ ପଜିଟିଭ ଆକ୍ରାନ୍ତଙ୍କ ରହିବା ପାଇଁ ସ୍ୱତନ୍ତ୍ର ଘର ସୁବିଧା ରହିଛି । ତାହା ହେଲେ ସେ ଘରେ ରହି ଚିକିତ୍ସା ହୋଇପାରିବେ ଏହା କୋଭିଡ୍ ନିୟମରେ ରହିଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ପଚାରିବାରେ ସେ କିଛି କହିବା ପାଇଁ ମନା କରିଛନ୍ତି ।

## ଗୋବର ସହ ୬୬ ବର୍ଷର ଜୀବନ

**ଲୋଇସିଂହା,୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଅବଧୂତ ନାଏକ(୮୬) । ଯୁଗ ବଦଳୁଥିଲେ ମଧ୍ୟ ସେ ବଦଳି ନାହାନ୍ତି। ଯୁବାବସ୍ଥାରୁ ଏଯାଏ ନିତି ସକାଳେ ଡଲାଭାରରେ ଗାଁ ଦାଣ୍ଡରେ ପଡିଥିବା ଗୋବର ଗୋଟାଇ ନିଜ କ୍ଷେତରେ ଜମା କରିଥାନ୍ତି। ଏହାକୁ ନିଜ କ୍ଷେତରେ ଜୈବିକ ସାର ଭାବେ ବ୍ୟବହାର କରନ୍ତି। ବଳକା ଖତକୁ ବିକ୍ରି କରି କିଛି ରୋଜଗାର କରିଥାନ୍ତି। ଚାଷ ଜମିରେ ରାସାୟନିକ ସାର ପ୍ରୟୋଗକୁ ବିରୋଧ କରି ଆସୁଥିବା ଅବଧୂତ ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ସାଜିଛନ୍ତି।

ସ୍ତ୍ରୀଙ୍କ ପରଲୋକ ପରେ ଅବଧୂତ ସାନ ପୁଅଙ୍କ ପରିବାର ସହ ରହୁଛନ୍ତି। ତାଙ୍କର ଆଉ ୨ପୁଅ, ବୋହୂ ଓ ନାତିନାତୁଣୀଙ୍କ ଅଲଗା ରହୁଛନ୍ତି । ଅବଧୂତଙ୍କ ସମ୍ପତି କହିଲେ ଘରଡିହ ଓ ଅଧ ଏକର ଚାଷ ଜମି ରହିଛି । ଦିନଥିଲା ଏତେ ବଡ ପରିବାରକୁ ଚଲାଇବା ପାଇଁ ଅବଧୂତଙ୍କୁ ଗାଁର ବିଭିନ୍ନ ଲୋକଙ୍କ ଘରେ କାମ କରିବାକୁ ପଡିଥିଲା । ହେଲେ



ଗୋବର ସଂଗ୍ରହ କରି ଫେରୁଛନ୍ତି ଅବଧୂତ ।

ଯୁବା ବୟସରୁ ଅବଧୂତଙ୍କ ଏକ ନିଆରା ଅଭ୍ୟାସ ରହିଛି। ସକାଳୁ ଉଠି ନିତ୍ୟକର୍ମ ସାରିବା ପରେ ସେ କାନ୍ଧରେ ଡଲାଭାର ଓ ହାତରେ କୋଡି ଧରି ଘରୁ ଗାଁ ଦାଣ୍ଡକୁ ବାହାରି ଆସନ୍ତି। ଗାଁ ଦାଣ୍ଡରେ ପଡିଥିବା ଗୋବରକୁ ଡଲାଭାରରେ ସଂଗ୍ରହ କରି ନିଜ କ୍ଷେତରେ ଜମା କରନ୍ତି । ସେହି ଖତକୁ ସେ ନିଜ ଜମିରେ ପ୍ରୟୋଗ କରି ଭଲ ଫସଲ ଉତ୍ପାଦନ କରନ୍ତି । ବଳକା ଖତକୁ ସେ ଅନ୍ୟକୁ ବିକ୍ରି କରି କିଛି ଟଙ୍କା ବି ରୋଜଗାର କରନ୍ତି । ହେଲେ ଦିନକୁ ଦିନ ଗୋ ସମ୍ପଦ କମିଯାଉଥିବାରୁ ଏବେ ଗୋଟିଏ ଭାର ଗୋବର ପାଇଁ ତାଙ୍କୁ ବହୁ ଅଞ୍ଚଳ ବୁଲିବାକୁ ପଡୁଥିବା ସେ କୁହନ୍ତି।

ଆଜିକୁ ୬୬ ବର୍ଷ ହେଲା ଗୋବର ସଂଗ୍ରହ କରି ଆସୁଥିବା ଅବଧୂତ ଜଣେ ନାମ ମାତ୍ର ଚାଷୀ । ନିଜ ଜମିରେ ସେ କେବେ ହେଲେ ରାସାୟନିକ ସାର ବ୍ୟବହାର କରି ନାହାନ୍ତି । ଅଧିକ ଅମଳ ଅଶାରେ ଚାଷୀ ଆଧୁନିକ ଚାଷ ପଦ୍ଧତି ଅପଣାଇବା ସହ ରାସାୟନିକ ସାର ପ୍ରୟୋଗ କରୁଛନ୍ତି। ସେହି ଶସ୍ୟ ଖାଇ ଆଜି ମଣିଷ ସମାଜ ବିପଦରେ ପଡୁଛନ୍ତି । ପୂର୍ବରୁ ବିନା ସାର ଦିଆ ଖାଦ୍ୟ ଖାଇଥିବାରୁ ଆମେମାନେ ଏ ବୟସରେ ମଧ୍ୟ ଚଳଚଞ୍ଚଳ ଅଛୁ । ସାଧାରଣ ଥଣ୍ଡା,କାଶକୁ ଛାଡି ଦେଲେ ଅନ୍ୟ କୌଣସି ବଡ଼ ରୋଗ ମୋ ପାଖ ମାଡି ନ ଥିବା ସେ ଦାବି କରିଛନ୍ତି। ଅବଧୂତଙ୍କ କ୍ଷୋଭ, ଗାଁ ଲୋକେ ମୋତେ ଆଦର୍ଶ କହିଲେ କ'ଣ ହେଲା, ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପାଇଁ ମୁଁ ଜଣେ ଅଲୋଡା ମଣିଷ । ୩୫ କେଜି ଚାଉଳ ଓ ସରକାରୀ ଆବାସ ଖଣ୍ଡିଏ ପାଇଁ ବାରମ୍ବାର ଅନୁରୋଧ କରି ଆସିଛି। ହେଲେ ତାହା ମୋତେ ମିଳିନାହିଁ ବୋଲି ସେ କହିଛନ୍ତି। ଅବଧୂତଙ୍କ ସମ୍ପର୍କରେ ଗାଁର ଜଣେ ବୟୋଜ୍ୟୋଷ୍ଠ ବ୍ୟକ୍ତି ସିଗ୍‌ସନ୍ ଦୀପ କୁହନ୍ତି, ସେ ଯୁବକ ବୟସରୁ ଏହି କାମ କରିଆସୁଥିବା ଆମେ ଦେଖୁଛୁ। କିନ୍ତୁ ଏଭଳି ବ୍ୟକ୍ତିଙ୍କ ପାଇଁ ସରକାର କିମ୍ବା ପ୍ରଶାସନ କିଛି କରିନାହାନ୍ତି। ଆଜି ଯାଏ ତାଙ୍କୁ ଫୁଲମାଳଟିଏ ଦେଇ କେହି ସମ୍ମାନିତ ନ କରିବା ଦୁଃଖର ବିଷୟ ବୋଲି ଦୀପ କହିଛନ୍ତି ।

